ଭଗବାନପୁରରେ ମହାବିଷୁବ ମିଳନ

ଯାଁକା (ବୁଲା ବାରିକ): ଭଗବାନପୁର ତ୍ରିନାଥ ମନ୍ଦିର ପରିସରରେ ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ କର୍ପୋରେଟର ରଶ୍ମି ରଞ୍ଜନ ପାଟଶାଣୀ, ପୂର୍ବତନ ଭୁବନେଶ୍ୱର ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁଶାସନ ସ୍ୱାଇଁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ରବୀନ୍ଦ୍ର ନାଥ ସାହୁ, ଅଭିମନ୍ୟୁ ଚମ୍ପତି, ହେମନ୍ତ ମହାରଣା, ଅଶୋକ ମହାରଣା, କିଶୋର ଚନ୍ଦ୍ର ସାହୁ, ଅପନି ବେହେରା, ବିନୋଦିନୀ ପ୍ରଧାନ, ଦୀପିକା ନାୟକ, ସସ୍ମିତା ରାୟ ପ୍ରମୁଖ ଉପସ୍ଥିତ ଥିଲେ।

ସାମାଜିକ ଚେତନା ଜାଗ୍ରତ କରିବାରେ ଆମ୍ବେଡ୍‌କରଙ୍କ ଭୂମିକା ଅତୁଳନୀୟ

ଜିଲାସ୍ତରୀୟ ଓଡ଼ିଆ ନବବର୍ଷ, ଆମ୍ବେଡ୍‌କର ଜୟନ୍ତୀ

ଖୋର୍ଦ୍ଧା,୧୪।୪(ପ୍ରଭାତ ପାଣିଗ୍ରାହୀ)

ଜିଲାସ୍ତରୀୟ ଓଡ଼ିଆ ନବବର୍ଷ, ଆମ୍ବେଡ୍‌କରଙ୍କ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

ଖୋର୍ଦ୍ଧା ଜିଲା ପ୍ରଶାସନ ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଓଡ଼ିଆ ନବବର୍ଷ, ଓଡ଼ିଆ ପକ୍ଷ ଏବଂ ଡ. ବି.ଆର୍. ଆମ୍ବେଡ୍‌କରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ(ସାଧାରଣ) ପ୍ରତାପ ଚନ୍ଦ୍ର ବେଉରାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଓଡ଼ିଆ ନବବର୍ଷର ମହତ୍ତ୍ୱ ଏବଂ ଆମ୍ବେଡ୍‌କରଙ୍କ ସଂଘର୍ଷମୟ ଜୀବନୀ ଉପରେ ଆଲୋକପାତ କରିଥିଲେ। ଆମ୍ବେଡ୍‌କର କେବଳ ଦଳିତଙ୍କ ପାଇଁ ସଂଗ୍ରାମ କରୁଥିଲେ ତାହା ନୁହେଁ, ବରଂ କୃଷିର ଉନ୍ନତି, ଅର୍ଥନୈତିକ ବିକାଶ ଦିଗରେ ଉଦ୍ୟମ କରିଥିଲେ, ଯାହା ଗଣତନ୍ତ୍ର ବ୍ୟବସ୍ଥାକୁ ମଜଭୁତ କରିଛି ବୋଲି ପ୍ରକାଶ କରିଥିଲେ। ସେହିପରି ସମ୍ମାନିତ ଅତିଥି ଉପଜିଲାପାଳ ସଂକଳ୍ପ ସ୍ୱସ୍ତିକ୍ ସାହୁ କହିଥିଲେ, ସାମାଜିକ ଚେତନା ଜାଗ୍ରତ କରିବାରେ ଆମ୍ବେଡ୍‌କରଙ୍କ ଭୂମିକା ଅତୁଳନୀୟ। ଅନ୍ୟତମ ସମ୍ମାନିତ ଅତିଥିଭାବେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଞ୍ଜୟ ଚନ୍ଦ୍ର ରାୟ ଯୋଗଦେଇ ନବବର୍ଷ ପାଳନ ଉପଲକ୍ଷେ ପିଠାପଣାର ସମ୍ଭାର ଓଡ଼ିଆ ଅସ୍ମିତାର କିମ୍ବଦନ୍ତୀ ବୋଲି ପ୍ରକାଶ କରି ଖାଦ୍ୟର ବୈଜ୍ଞାନିକ ତତ୍ତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଜିଲା ମଙ୍ଗଳ ଅଧିକାରୀ ଡ. ଗୀତାଂଶୁ ମୋହନ ଦାଶ ଯୋଗଦେଇ ଓଡ଼ିଆ ନବବର୍ଷ ପାଳନ ଏବଂ ଆମ୍ବେଡ୍‌କରଙ୍କ ଜୀବନୀ ଉପରେ ବକ୍ତବ୍ୟ ପ୍ରଦାନ କରିବା ସହ ସମସ୍ତେ ଆମ୍ବେଡ୍‌କରଙ୍କ ତ୍ୟାଗ, ଆଦର୍ଶରେ ବ୍ରତୀ ହେବାକୁ ଆହ୍ୱାନ କରିଥିଲେ। ବରିଷ୍ଠ ସ୍ତମ୍ଭକାର ଉମାଶଙ୍କର ପ୍ରସାଦ ଓଡ଼ିଆ ନବବର୍ଷ ସମ୍ପର୍କରେ କହିଥିଲେ। ବରିଷ୍ଠ ଖବରଦାତା ପ୍ରଭାତ ପାଣିଗ୍ରାହୀ ଓଡ଼ିଆ ନବବର୍ଷରେ ବୈଶାଖ ମାସର ବୈଶିଷ୍ଟ୍ୟ ଏବଂ ଆମ୍ବେଡ୍‌କରଙ୍କ ଜୟନ୍ତୀକୁ ସାମାଜିକ ସମରାସତ୍ତା ଦିବସ ଭାବେ ପାଳନ କରିବାକୁ ଦାବି ଉପସ୍ଥାପନ କରିଥିଲେ। ଅତିରିକ୍ତ ଜିଲାପାଳ ବେଉରା ସଭାପତିତ୍ୱ ଭାଷଣରେ ଓଡ଼ିଆ ଅସ୍ମିତାର ମୂଲ୍ୟକୁ ଆଗକୁ ନେବା, ଓଡ଼ିଆ ଐତିହ୍ୟ, ପରମ୍ପରା ଓ ସଂସ୍କୃତିକୁ ଉଜ୍ଜୀବିତ କରି ରଖିବାରେ ଓଡ଼ିଆ ନବବର୍ଷ ପାଳନ ଏକ ମହାନ୍ କାର୍ଯ୍ୟକ୍ରମ ବୋଲି ପ୍ରକାଶ କରିଥିଲେ। ଓଡ଼ିଆ ନବବର୍ଷ ପାଳନ ଉପଲକ୍ଷେ ସମସ୍ତ ବ୍ଲକ୍‌କୁ ନେଇ ମୁରୁଜ ତଥା ରଙ୍ଗୋଲି, ଝୋଟି ଓ ଚିତା ଏବଂ ପିଠାପଣା ପ୍ରତିଯୋଗିତାର କୃତୀ ମହିଳା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ସଭା ପରିଚାଳନା କରିଥିବା ବେଳେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ସ୍ୱାଗତ ଭାଷଣ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଆ ନବବର୍ଷ ପାଳନ ଅବସରରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ପିଠା ଓ ପଣା ଆୟୋଜନ କରାଯାଇଥିଲା।

ଓଡ଼ିଆ ନବବର୍ଷ, ଆମ୍ବେଡ୍‌କରଙ୍କ ଜୟନ୍ତୀ ପାଳିତ

ଜଟଣୀ,୧୪।୪(ରବୀନ୍ଦ୍ରନାଥ ମହାକୁଡ଼): ସର୍ବଭାରତୀୟ ଅବସରପ୍ରାପ୍ତ କେନ୍ଦ୍ର ସରକାରୀ କର୍ମଚାରୀ ସଂଘ ଖୋର୍ଦ୍ଧାରୋଡ୍ ପକ୍ଷରୁ ମଙ୍ଗଳବାର ଟ୍ରାଫିକ୍ କଲୋନୀସ୍ଥ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଓଡ଼ିଆ ନବବର୍ଷ, ମହାବିଷୁବ ସଂକ୍ରାନ୍ତି ଏବଂ ଭାରତରତ୍ନ ବାବାସାହେବ ଭୀମ୍‌ରାଓ ରାମ୍‌ଜୀ ଆମ୍ବେଡ୍‌କରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ସଂଘ ସଭାପତି ଭୈରବ କୁମାର ସାମଲ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନର ସମସ୍ତ ପଦାଧିକାରୀ ଓ ସଦସ୍ୟ ଆମ୍ବେଡ୍‌କରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ। ଏଥିସହ ଓଡ଼ିଆ ନବବର୍ଷର ଅଭିନନ୍ଦନ ପରସ୍ପରକୁ ଜଣାଇଥିଲେ। ଏହି ଅବସରରେ ଆୟୋଜିତ ବୈଠକରେ ସୂର୍ଯ୍ୟନାରାୟଣ ପାଢ଼ୀ, ସୌଦାଗର ମହାନ୍ତି, ବି.ଆର୍. ମହାନ୍ତି, ଉଲ୍ଲାସ ଚନ୍ଦ୍ର ଜେନା, ଏସ୍.କେ. ନାୟକ, ଜି.ଡି. ଦାସ, ଅରୁଣ ମହାନ୍ତି, ପି.ଏଲ୍. ସାହୁ, ବି.ବି. ଜେନା, ବି.କେ. ପ୍ରଧାନ, ପ୍ରଣତି ସ୍ୱାଇଁ, ସୁସ୍ମିତା ପ୍ରଧାନ, ସୁତିତ୍ରା ପ୍ରଧାନ, ଗଗନି ବେହେରା, ପବନି ବେହେରା, ବେବି ଦିଦି, ପଦ୍ମିନୀ ବାରିକଙ୍କ ସହ ସଙ୍ଗଠନର ବହୁ ସଦସ୍ୟ ଯୋଗଦେଇଥିଲେ। ପ୍ରସନ୍ନ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଶେଷରେ ସମସ୍ତ ସଭ୍ୟ ବେଲପଣା ପିଇବା ସହ ଓଡ଼ିଆ ନବବର୍ଷ ପାଳନ କରିଥିଲେ।

ଝାମୁଯାତ୍ରା ଉଦ୍‌ଯାପିତ

ବୋଲଗଡ଼,୧୪।୪ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ସଦର ସମେତ ବିଭିନ୍ନ ଗ୍ରାମରେ ଦଣ୍ଡଯାତ୍ରା ଭକ୍ତି ଓ ନିଷ୍ଠାର ସହ ପାଳନ ହେଉଥିବା ବେଳେ ମଙ୍ଗଳବାର ମହାବିଷୁବ ସଂକ୍ରାନ୍ତିରେ ଝାମୁଯାତ୍ରା ଅନୁଷ୍ଠିତ ହୋଇ ଉଦ୍‌ଯାପିତ ହୋଇଯାଇଛି। ଖଇଁରିଆ, ରାସୋଳ, ସଂପୁର, କଳାଙ୍ଗ, ଫିରିଫିରା, ମଣିକାଗୋଡ଼ା, ଭୀମପଡ଼ା, କୁମୁଟିସାହି, ଘୋରଡ଼ିଆ, ହାଟସାହି, ବାରବାଟି, ଠଣାପଲ୍ଲୀ, ଅସରଳା ଓ ଅନ୍ୟାନ୍ୟ ଗ୍ରାମରେ ଏହି ପର୍ବ ମୁଖ୍ୟ ପାଟ ଦଣ୍ଡୁଆଙ୍କ ଦ୍ୱାରା ଆୟୋଜିତ ହୋଇଥିବା ବେଳେ ପ୍ରତିଦିନ ମୁଖ୍ୟ ପାଟଦଣ୍ଡୁଆଙ୍କ ସମେତ ସମସ୍ତ ମାନସିକଧାରୀ ଦଣ୍ଡୁଆମାନେ ମା' କାଳୀକା ଠାକୁରାଣୀଙ୍କୁ ସାଙ୍ଗରେ ଧରି ଗ୍ରାମର ନିର୍ଦ୍ଦିଷ୍ଟ ପୋଖରୀକୁ ଯାଇ ବିଳମ୍ବିତ ରାତ୍ରରେ ବିଧି ଅନୁସାରେ ହୋମ ଯଜ୍ଞ, ପୂଜା ପାଠ କରି ପାଣି ତୋଳି କାଳିକା ମନ୍ଦିରକୁ ଫେରିଥାନ୍ତି। ପ୍ରତିଦିନ ରାତିରେ ଦଣ୍ଡୁଆମାନେ କଳିକାଙ୍କୁ ସାଙ୍ଗରେ ଧରି ପ୍ରତ୍ୟେକ ଗ୍ରାମ ପରିକ୍ରମା କରି ଘର ସମ୍ମୁଖରେ କାଳିକାଙ୍କୁ ଝୁଣାଧୂପ ଦେଇ ସମସ୍ତଙ୍କର ମଙ୍ଗଳ କାମନା କରିଥାନ୍ତି। ଦଣ୍ଡୁଆମାନେ ଦଣ୍ଡ ପର୍ବରେ ଦିନମାନ ଉପବାସ ରହି ପାଣିତୋଳା ପରେ ଗଜାମୁଗ ଓ ପଣା ସେବନ କରି ଫଳ ଖାଇଥାନ୍ତି। ଦଣ୍ଡପର୍ବର ଶେଷଦିନ ତଥା ପଣା ସଂକ୍ରାନ୍ତିରେ ମାନସିକଧାରୀ ଦଣ୍ଡୁଆ ଓ ଭକ୍ତମାନେ ନିର୍ଦ୍ଦିଷ୍ଟ ପୋଖରୀରେ ସ୍ନାନ ସାରି ଚନ୍ଦନ ତିଳକ କରି ଦଣ୍ଡଠାକୁରଙ୍କୁ ବେଶଶୃଙ୍ଗାର କରି ଝୁଣାଧୂପ ଦେଇ ଗ୍ରାମ ପରିକ୍ରମାରେ ପ୍ରତ୍ୟେକ ଦୁଆରେ ଭୋଗ ଖାଇ ଝାମୁଯାତ୍ରା ପାଇଁ ପ୍ରସ୍ତୁତ ନିଆଁଗାଡ଼ ନିକଟରେ ପହଞ୍ଚି ନିଆଁ ଉପରେ ଚାଲିଥିଲେ। ଏହି ଝାମୁଯାତ୍ରା ଦେଖିବାକୁ ସମସ୍ତ ସ୍ଥାନରେ ଗହଳି ରହିଥିଲା। ସନ୍ଧ୍ୟାରେ ମୁଖ୍ୟ କାଳେସୀଙ୍କ ନେତୃତ୍ୱରେ ଦଣ୍ଡୁଆ ଓ ଗ୍ରାମବାସୀ ମିଳିତଭାବେ ଗ୍ରାମର ଚତୁର୍ଦ୍ଦିଗରେ ଦୁଷ୍ଟ ଆତ୍ମାଙ୍କୁ ଶାନ୍ତି କରିବା ଉଦ୍ଦେଶ୍ୟରେ ପଣା ପାଣି ପ୍ରଦାନ କରିଥିଲେ। ଅନେକ ସ୍ଥାନରେ ଆତସବାଜି ପ୍ରଦର୍ଶିତ ହୋଇଥିଲା।

ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ଜଟଣୀ,୧୪।୪(ରବୀନ୍ଦ୍ରନାଥ ମହାକୁଡ଼): ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ବିଶ୍ୱନାଥ କଲୋନୀ ଗୋରୁହାଟଠାରେ ଶ୍ରୀରାମ ଯୁବକ ସଂଘ ପକ୍ଷରୁ ସଙ୍କଟମୋଚନ ହନୁମାନଙ୍କ ୨୪ତମ ବିଶ୍ୱଶାନ୍ତି ମହାଯଜ୍ଞ ଚାଲିଥିବା ବେଳେ ମଙ୍ଗଳବାର ପୂର୍ଣ୍ଣାହୁତିରେ ଉଦ୍‌ଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସକାଳେ ସୂର୍ଯ୍ୟ ପୂଜା, ଧେନୁ ପୂଜା, ସର୍ବଦେବଦେବୀ ପୂଜା ହୋଇଥିଲା। ତେବେ ପୂର୍ଣ୍ଣାହୁତି ଦିବସରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସେହିପରି ସ୍ଥାନୀୟ ରେଲୱେ ଗୋଲେଇ ମାର୍କେଟ ଓ ନ୍ୟୁ ମାର୍କେଟ ବ୍ୟବସାୟୀ ସଙ୍ଘ ପକ୍ଷରୁ ସିଦ୍ଧ ମହାବୀରଙ୍କ ୩୦ତମ ଜନ୍ମ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସେହିପରି ଜଟଣୀ ବ୍ଲକ ଅଧୀନ ବଡ଼ତୋଟା ଗ୍ରାମସ୍ଥିତ ପଞ୍ଚମୁଖି ହନୁମାନ ଦେବଙ୍କ ବାର୍ଷିକ ଜନ୍ମଉତ୍ସବ ଓ ସଂକୀର୍ତ୍ତନ ଏବଂ ପୌରାଞ୍ଚଳ ଅନ୍ତର୍ଗତ ଗୋପବନ୍ଧୁ ବଜାରସ୍ଥ ମହାବୀର ମନ୍ଦିର, ହାଟବଜାର ଏବଂ ହନୁମାନ ବାଟିକାଠାରେ ରୀତିନୀତିରେ ବଜରଙ୍ଗବାଲୀଙ୍କ ପୂଜାର୍ଚ୍ଚନାରେ ମହାବିଷୁବ ସଂକ୍ରାନ୍ତି ପାଳନ ହୋଇଥିଲା। ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

ମହାବିଷୁବ ସଂକ୍ରାନ୍ତିରେ ହନୁମାନ ଚାଳିଶା ପଠନ

ନିରାକାରପୁର,୧୪।୪(ମାନସ ଚନ୍ଦ୍ର ପଟ୍ଟନାୟକ): ସ୍ଥାନୀୟ ଶ୍ରୀରାମ ସେବକ ସଂଘ ପକ୍ଷରୁ ଶ୍ରୀରାମ ମନ୍ଦିରସ୍ଥିତ ମାରୁତି ମଣ୍ଡପରେ ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ହନୁମାନ ଚାଳିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦିନତମାମ ୧୦୮ ହନୁମାନ ଚାଳିଶା ପଠନ କରାଯାଇଥିଲା। ସେହିପରି କାଶୀପୁର ସନ୍ନିକଟ ଚିତ୍ରକୁଟ ପାହାଡ଼ସ୍ଥିତ ମହାବୀର, ଜଙ୍କିଆ ଟୁବୁରି ପାହାଡ଼ସ୍ଥିତ ଶ୍ରୀମହାବୀର, ରାମେଶ୍ୱର ଧାନଘରଗଙ୍ଗା ପାହାଡ଼ସ୍ଥିତ ମହାବୀର, ରତାମାଟିସ୍ଥିତ ଟୁବୁରି ପାହାଡ଼ ଉପରେ ଥିବା ମହାବୀରଙ୍କ ଆଦି ପୀଠରେ ମହାବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ପାଳିତ ହୋଇଥିଲା।

ତୁଳସୀ ଚଉଁରାରେ କଳସ ବାନ୍ଧିଲେ

ଖୋର୍ଦ୍ଧା,୧୪।୪(ପ୍ରଭାତ ପାଣିଗ୍ରାହୀ)

ମହାବିଷୁବ ସଂକ୍ରାନ୍ତିକୁ ପଣାସଂକ୍ରାନ୍ତି ବା ଜଳ ସଂକ୍ରାନ୍ତି ମଧ୍ୟ କୁହାଯାଏ। ଏହି ସମୟରେ ଜଳାଭାବ ଦେଖାଯାଏ। ରାସ୍ତାରେ ଯାଉଥିବା ପଥଚାରୀଙ୍କୁ ତୃଷା ନିବାରଣ ଲାଗି ଜଳଛତ୍ର ଖୋଲାଯାଏ। ଚଉଁରାରେ ପୂଜା ପାଉଥିବା ବୃନ୍ଦାବତୀ(ତୁଳସୀ ଗଛ) ଉପରେ ଛାମୁଣ୍ଡିଆ ବାନ୍ଧି, କଳସରେ ପାଣି ଭର୍ତ୍ତି କରାଯାଏ। ଏହି ଅବସରରେ ପ୍ରତ୍ୟେକ ପରିବାରରେ ତୁଳସୀ ଚଉଁରା ମୂଳରେ ଝୋଟି ଚିତା ଦେଇ ଛାମୁଣ୍ଡିଆ ବାନ୍ଧି ଶିକା ସାହାଯ୍ୟରେ ଜଳପୂର୍ଣ୍ଣ କଳସ ବନ୍ଧାଯାଇଥିବା ଦେଖିବାକୁ ମିଳିଛି।

ସେହିପରି ମହାବିଷୁବ ସଂକ୍ରାନ୍ତି ଏବଂ ମହାବୀର ଜୟନ୍ତୀ ଅବସରରେ ଖୋର୍ଦ୍ଧା ଜିଲାର ବିଭିନ୍ନ ମହାବୀର ମନ୍ଦିରରେ ହୋମଯଜ୍ଞ, ରାମଚରିତମାନସ ପାରାୟଣ, ହନୁମାନ ଚାଳିଶା ଏବଂ ଶକ୍ତିପୀଠରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ତନ୍ତୁମୁଣ୍ଡିଆ ଜରିପୁଟସ୍ଥିତ ପ୍ରସିଦ୍ଧ ମହାବୀରଙ୍କ ପୀଠରେ ଦଶଦିନ ବ୍ୟାପୀ ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ ଏବଂ ମହାଯଜ୍ଞ ଆରମ୍ଭ ହୋଇଛି। ମଙ୍ଗଳବାର ଭୋରରୁ ଦ୍ୱାରଫିଟା, ମଙ୍ଗଳ ଆଳତି, ଦେବନୀତି ସମ୍ପନ୍ନ ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା । ଶ୍ରଦ୍ଧାଳୁ ଧାଡ଼ିରେ ଆସି ମହାବୀରଙ୍କ ଦର୍ଶନ କରିଥିଲେ।

ଚନ୍ଦ୍ରଶେଖର ଦେବଙ୍କ ପାଣିତୋଳା ଉତ୍ସବ ଉଦ୍‌ଯାପିତ

ବେଗୁନିଆ,୧୪।୪(ସନ୍ଧ୍ୟାରାଣୀ ମିଶ୍ର)

ସିକୋସ୍ଥିତ ଚନ୍ଦ୍ରଶେଖର ଦେବଙ୍କ ନିକଟରେ ଗତ ମାସ ୨୬ ତାରିଖରୁ ଚଳିତ ମାସ ୧୩ ତାରିଖ ପର୍ଯ୍ୟନ୍ତ ଚାଲିଥିବା ୧୯ଦିନିଆ ପାଣିତୋଳା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ୧୯ଦିନ ଧରି ଦଣ୍ଡ ଠାକୁର ଚନ୍ଦ୍ରଶେଖର ଦେବ ବିଭିନ୍ନ ଗ୍ରାମ ପରିକ୍ରମା କରିଥିବା ବେଳେ ସୋମବାର ମେରୁ ଅବସରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଠାକୁରଙ୍କ ପାଟ ଅଗଣାରେ ଲାଗିରହିଥିଲା। ନନ୍ଦସାଗରରେ ଦୁର୍ଗାଚରଣ ଅଧିକାରୀ ସ୍ନାନକରି ରୀତିନୀତି ଅନୁସାରେ ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ। ପରେ ସ୍ୱର୍ଗତ ପଣ୍ଡିତ ଦାଶରଥି ମିଶ୍ରଙ୍କ ଦ୍ୱାରା ଲେଖାଯାଇଥିବା ଲିଙ୍ଗ ପୁରାଣ ପଣ୍ଡିତ ଦାଶରଥି ବିଦ୍ୟାଳୟରେ ପ୍ରଶାନ୍ତ ମିଶ୍ରଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଏହାର ନିର୍ଦ୍ଦେଶନା ଦେଇଥିଲେ ସୀତାରାମ ବାରିକ, ସହଦେବ ସାହୁ, ଭାସ୍କର ସ୍ୱାଇଁ ଏବଂ ପଦ୍ମଚରଣ ବାହୁବଳେନ୍ଦ୍ର। ଏଥିରେ ୮୦ରୁ ଊର୍ଦ୍ଧ୍ୱ କଳାକାର ଅଭିନୟ କରିଥିଲେ। ଜଗନ୍ନାଥ ମିଶ୍ର ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ପୁତ୍ର ସନ୍ତାନ ପ୍ରାପ୍ତି ନିମନ୍ତେ ମାନସିକଧାରୀମାନେ ଚନ୍ଦ୍ରଶେଖର ଦେବଙ୍କ ପାଟଭୋଗତାଙ୍କ ଠାରୁ ଗୁଆ ନେଇ ଭକ୍ଷଣ କରିଥିଲେ।

ସରିଲା ଦଣ୍ଡପର୍ବ, ଝାମୁଯାତ୍ରା

ବେଗୁନିଆ,୧୪।୪(ହର ପ୍ରସନ୍ନ ପଣ୍ଡା)

ଓଡ଼ିଶାର ପୁରପଲ୍ଲୀରେ ଚୈତ୍ର ପର୍ବ ତଥା ଦଣ୍ଡ ପର୍ବ ପାଳନ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ଶିବ(ଭୋଳାନାଥ) ଏବଂ ଶକ୍ତି(ଦଣ୍ଡ କାଳୀ)ଙ୍କୁ ଆରାଧନା କରାଯାଏ ବୋଲିକିମ୍ବଦନ୍ତୀରୁ ଜଣାଯାଏ। ଦଣ୍ଡୁଆମାନେ ମନସ୍କାମନା ପୂରଣ ଓ ରୋଗ ମୁକ୍ତ ପାଇଁ ପୂଜାର୍ଚ୍ଚନା କରିଥାନ୍ତି। କାଷ୍ଠା ଉପାସନା ଓ ତ୍ୟାଗ ସମର୍ପଣ ମନୋଭାବ ନେଇ ଦଣ୍ଡୁଆମାନଙ୍କ ଏହି ପରମ୍ପରା ପଲ୍ଲୀରେ ଉଦ୍ଦୀୟମାନ ହୋଇ ରହିଛି। ଏହି ପରିପ୍ରେକ୍ଷୀରେ ବେଗୁନିଆ ବ୍ଲକର ବିଭିନ୍ନ ସ୍ଥାନରେ ଦଣ୍ଡ ପର୍ବ ଓ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗଡ଼ମାଣତୀର, ସିକୋ, କୁଶପଲ୍ଲା, କଣ୍ଢାବାଡ଼, ଗୋବିନ୍ଦପୁର, ବଡବେରଣା, ଗଁପୁର, କଣ୍ଢାମଳିମ, ସିମୋର ଆଦି ଗ୍ରାମରେ ପାଳନ ହୋଇଥିଲା। ବେଗୁନିଆ ସଦର ମହକୁମାରେ ପାଳିତ ହୋଇଥିବା ଦଣ୍ଡ ମହୋତ୍ସବ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ପ୍ରଦର୍ଶିତ ମା'ଦୁର୍ଗାଙ୍କ ବେଶ ଓ ମୃଣ୍ମୟୀ ମୂର୍ତ୍ତି ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିଥିଲା। କୁଶପଲ୍ଲା ଗ୍ରାମରେ ଛୋଟବଡ଼ କଳାକାରଙ୍କୁ ନେଇ ମୁକ୍ତମଞ୍ଚ ନାଟକ ପରିବେଷଣ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ସେହିପରି ଚଳିତ ବର୍ଷ ଡିଙ୍ଗର ଓ କେନ୍ଦୁପଲ୍ଲି ଗ୍ରାମରେ ଆୟୋଜକ କମିଟି ପକ୍ଷରୁ ୩ରୁ ୪ରାତି ପର୍ଯ୍ୟନ୍ତ ଦୈନିକ ଯାତ୍ରା ପାର୍ଟିର ବ୍ୟବସ୍ଥା କରାଯାଇଛି।

କ୍ରିୟାନୁଷ୍ଠାନ ପକ୍ଷରୁ ପଣା ବଣ୍ଟନ

ନିରାକାରପୁର,୧୪।୪(ମାନସ ଚନ୍ଦ୍ର ପଟ୍ଟନାୟକ): ମହାବିଷୁବ ପଣାସଂକ୍ରାନ୍ତି ଅବସରରେ ବିଭିନ୍ନ କ୍ରିୟାନୁଷ୍ଠାନ ପକ୍ଷରୁ ଟଙ୍କତୋରାଣି ଏବଂ ପଣା ବଣ୍ଟନ କରାଯାଇଥିଲା। ଲେଣ୍ଡୋ ସରପଞ୍ଚ ବିନୋଦିନୀ ଦାଶଙ୍କ ନେତୃତ୍ୱରେ ସିଦ୍ଧେଶ୍ୱର ଦେବଙ୍କ ପୀଠରେ ଟଙ୍କତୋରାଣି ଓ ପଣା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁରେଶ ଚନ୍ଦ୍ର ଦାଶ, ସଦାଶିବ ବାରିକ, ରଶ୍ମିରଞ୍ଜନ ପାଟ୍ଟଶାଣୀ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ସ୍ଥାନୀୟ ଷ୍ଟେଶନ ରାସ୍ତାସ୍ଥିତ ତାରିଣୀ ମଣ୍ଡପ ସନ୍ନିକଟରେ ବରିଷ୍ଠ ନାଗରିକଙ୍କ ପକ୍ଷରୁ ଟଙ୍କତୋରାଣି, ପଣା ସହିତ ଶୁଦ୍ଧ ପାନୀୟଜଳ ବଣ୍ଟନ କରାଯାଇଥିଲା।

WANTED
SALES EXECUTIVE
Location
Puri & Bhubaneswar
Having experience of 3 to 5 years (Preferable in Automobile Trade)
Interested candidates may send their resume to Mail ID: tbsa.bbsr@gmail.com.
Contact - 8117894598

ଜରୁରୀ ନିଯୁକ୍ତି ସୂଚନା
ଭୁବନେଶ୍ୱରର ଏକ ପ୍ରାଇଭେଟ୍ ହସ୍ପିଟାଲ୍ ପାଇଁ ତୁରନ୍ତ ୧୦ଜଣ ସିକ୍ୟୁରିଟି ଗାର୍ଡ ଆବଶ୍ୟକ । ପୁରୁଷ ଓ ମହିଳା ଉଭୟ ଆବେଦନ କରିପାରିବେ । ଫ୍ରେସର ମାନେ ମଧ୍ୟ ସ୍ୱାଗତ ।
ଯୋଗ୍ୟତା ମାତ୍ର ୧୦ମ ଶ୍ରେଣୀ ପାସ୍ ।
Contact - 9114435575

ପୂର୍ବ ତଟ ରେଳପଥ

ଟେଣ୍ଡର ସଂ.MCSW-HIR-TRUCK-26-27-05
କାର୍ଯ୍ୟର ନାମ : ରେଳ ଚଢା ମରାମତି କାରଖାନା, ମଞ୍ଚେଶ୍ୱର ନିମନ୍ତେ ଭାରତୀୟ ରେଳପଥର ବିଭିନ୍ନ ୟୁନିଟ୍‌ଗୁଡ଼ିକର ଯେକୌଣସି ସ୍ଥାନରୁ ଅନ୍ୟ ଯେକୌଣସି ସ୍ଥାନ ପର୍